### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୯.୭୫ ● ପାଉଣ୍ଡ ୧୧୬.୦୩
- ୟୁରୋ ୧୦୨.୯୪ ● ୟେନ୍ ୦.୫୭

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୨୭,୬୫୦ (ଭୁବନେଶ୍ୱର)
- ରୁପା : ୨,୫୬,୦୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୪,୬୯୫.୦୦
- ନିଫ୍ଟି ୨୫,୯୪୨.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



**'ଭାରତ କେ ,ଦୋ ସବ୍‌ସେ ବଡେ ଭଘୋଡେ' ବିବାଦୀୟ ଭିଡିଓ**

# ଭୁଲ ମାଗିଲେ ଲଳିତ୍ ମୋଦି

ନୂଆଦିଲ୍ଲୀ,୨୯।୧୨(ଏଜେନ୍ସି): ପଳାତକ ତଥା ପୂର୍ବତନ ଆଇପିଏଲ କମିଶନର ଲଳିତ ମୋଦି ସୋମବାର 'ଭାରତ କେ ,ଦୋ ସବ୍‌ସେ ବଡେ ଭଘୋଡେ' ବିବାଦୀୟ ଭିଡିଓ ପାଇଁ କ୍ଷମା ମାଗିଛନ୍ତି। ମୋଦୀ କହିଛନ୍ତି ଯେ ତାଙ୍କ ବୟାନକୁ ଭୁଲ ବୁଝାଯାଇଥିଲା। ସମ୍ପ୍ରତି, ଲଳିତ ମୋଦି ଇନଷ୍ଟାଗ୍ରାମରେ ପଳାତକ ବିଜୟ ମାଲ୍ୟାଙ୍କୁ ନେଇ ଏକ ଭିଡିଓ ସେୟାର କରିଛନ୍ତି, ଯେଉଁଥିରେ ସେ ନିଜକୁ ଏବଂ ମାଲ୍ୟାଙ୍କୁ ଦୁଇ ସବୁଠାରୁ ବଡ଼ ପଳାତକ ବୋଲି ଉଲ୍ଲେଖ କରିଛନ୍ତି।



ଲଳିତ ମୋଦି ଇନଷ୍ଟାଗ୍ରାମରେ ଲେଖିଛନ୍ତି, ଯଦି ମୁଁ କାହାର ଭାବନାକୁ ଆଘାତ ଦେଇଥାଏ, ବିଶେଷକରି ଭାରତ ସରକାରଙ୍କୁ ଯାହାକୁ ମୁଁ ଗଭୀର ଭାବରେ ସମ୍ମାନ କରେ, ତେବେ ମୁଁ କ୍ଷମା ମାଗୁଛି। ତାଙ୍କରର ବୟାନକୁ ଭୁଲ ବ୍ୟାଖ୍ୟା କରାଯାଇଥିଲା ଏବଂ କେବେ ବି ସେ ସେପରି କହିନାହାଁନ୍ତି। ପୁଣି ଥରେ, ଆନ୍ତରିକ ଭାବରେ କ୍ଷମା ମାଗୁଥିବା ସେ କହିଛନ୍ତି। ଲଳିତ ମୋଦିଙ୍କ ଏହି କ୍ଷମା ମାଗିବା ଭାରତ କହିବାର କିଛି ଦିନ ପରେ ଆସିଛି ଯେ ଏହା ବିଦେଶରୁ ଆର୍ଥିକ ପଳାତକଙ୍କୁ ଫେରାଇ ଆଣିବା ଏବଂ ଦେଶରେ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ। ଏହି ପୋଷ୍ଟରେ ଲୋକଙ୍କଠାରୁ ତୀବ୍ର ପ୍ରତିକ୍ରିୟା ଆସିଥିଲା। ଲଳିତ ମୋଦି ପରବର୍ତ୍ତୀ ସମୟରେ ଭିଡିଓ ଡିଲିଟ କରିଦେଇଥିଲେ। ଆର୍ଥିକ ଅନିୟମିତତା ଅଭିଯୋଗ ପାଇଁ ଲଳିତ ମୋଦି ଏବଂ ମାଲ୍ୟା ଉଭୟ ଭାରତରେ ଆଇନଗତ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି।

ଲଳିତ ମୋଦି ଏବେ କ୍ଷମା ମାଗିଥିବା ଭିଡିଓଟି ଲଣ୍ଡନରେ ମାଲ୍ୟାଙ୍କ ଜନ୍ମଦିନ ପାର୍ଟିର, ଯାହା ବିଜୟ ମାଲ୍ୟା ଏବଂ ଅନ୍ୟ ଜଣେ ବ୍ୟକ୍ତିଙ୍କ ସହିତ ଅନୁଷ୍ଠିତ ହୋଇଥିଲା। ଜନ୍ମଦିନ ପାର୍ଟିର ଏହି ଭିଡିଓରେ ଲଳିତ ମୋଦି କହୁଥିବା ଶୁଣାଯାଉଛି, 'ଆମେ ଦୁଇଜଣ ପଳାତକ, ଭାରତର ସବୁଠାରୁ ବଡ଼ ପଳାତକ'। ଲଳିତ ମୋଦି ନିଜେ ସୋସିଆଲ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମରେ ଏହି ଭିଡିଓଟି ସେୟାର କରିଥିଲେ। ସେ ଭିଡିଓଟିର କ୍ୟାପସନରେ ଲେଖିଛନ୍ତି, ମୋତେ ଏପରି କିଛି କରିବାକୁ ଦିଅ ଯାହା ଇଣ୍ଟରନେଟକୁ ପୁଣି ଥରେ ସ୍ଥଗିତ କରିଦେବ।

# ଭାରତୀୟଙ୍କ ଘରେ ଦେଶର ଜିଡିପିଠାରୁ ଅଧିକ ସୁନା

**■ ୪୫୦ ଲକ୍ଷ କୋଟିର ୩୪ ହଜାର ଟନ୍ ସୁନା ଗଚ୍ଛିତ ■ ଜିଡିପି ଆକାର ୩୭୦ ଲକ୍ଷ କୋଟି**

ନୂଆଦିଲ୍ଲୀ,୨୯।୧୨(ଏଜେନ୍ସି)

ସମ୍ପ୍ରତି ଘରୋଇ ବଜାରରେ ସୁନା ମୂଲ୍ୟ ନୂତନ ରେକର୍ଡ ସ୍ଥାପନ କରିବାରେ ଲାଗିଛି। ସୁନାର ଆନ୍ତର୍ଜାତୀୟ ମୂଲ୍ୟ ପ୍ରତି ଆଉନ୍ସ ୪,୫୦୦ ଡଲାର ଅତିକ୍ରମ କରିଥିବାବେଳେ ଘରୋଇ ବଜାରରେ ୧୦ ଗ୍ରାମ ପିଛା ସର୍ବକାଳୀନ ରେକର୍ଡ ୧.୪୦ ଲକ୍ଷ ଟଙ୍କା ଅତିକ୍ରମ କରିଛି। ଫଳସ୍ୱରୂପ, ଭାରତୀୟ ଘରେ ଗଚ୍ଛିତ ସୁନାର ମୋଟ ମୂଲ୍ୟ ୫ ଟ୍ରିଲିୟନ ଡଲାର (୪୫୦ ଲକ୍ଷ କୋଟି ଟଙ୍କା) ଅତିକ୍ରମ କରିଛି। ଏହି ପରିମାଣ ଭାରତର ସମଗ୍ର ମୋଟ ଘରୋଇ ଉତ୍ପାଦ (ଜିଡିପି)କୁ ଅତିକ୍ରମ କରିଯାଇଛି। ଦେଶର ମୋଟ ଜିଡିପି ୪.୧ ଟ୍ରିଲିୟନ ଡଲାର ଅର୍ଥାତ୍ ୩୭୦ ଲକ୍ଷ କୋଟି ଟଙ୍କାର ଜିଡିପିଠାରୁ ମଧ୍ୟ ଅଧିକ ହେବ। ମୋର୍ଗାନ୍ ଷ୍ଟାନ୍‌ଲି ରିପୋର୍ଟ ଅନୁଯାୟୀ, ଗତ ବର୍ଷ ଅକ୍ଟୋବରରେ ଭାରତୀୟ ପରିବାରଗୁଡ଼ିକରେ ପ୍ରାୟ ୩୪,୬୦୦ ଟନ୍ ସୁନା ମହଜୁଦ ଥିଲା।

ରିପୋର୍ଟ ଅନୁସାରେ ବର୍ତ୍ତମାନ ଭାରତରେ ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ ୧.୩୮ ଲକ୍ଷ ଟଙ୍କା ରହିଛି। ଏହି ସମୟରେ, ଅନ୍ତର୍ଜାତୀୟ ବଜାରରେ ସୁନା ଆଉନ୍ସ (ପ୍ରାୟ ୨୮ ଗ୍ରାମ) ପ୍ରତି ୪,୫୦୦ ଡଲାର ଉପରେ କାରବାର କରୁଛି। ଟଙ୍କାରେ ପରିଣତ ହେଲେ, ଏହାର ମୂଲ୍ୟ ପ୍ରତି ୧୦ ଗ୍ରାମ ପ୍ରାୟ ୧.୩୦ ଲକ୍ଷ ଟଙ୍କାରୁ ଅଧିକ ହେବ। ଭାରତ ହେଉଛି ବିଶ୍ୱରେ ସୁନାର ଦ୍ୱିତୀୟ ସର୍ବବୃହତ ଗ୍ରାହକ, ଯାହା ବିଶ୍ୱ ଚାହିଦାର ପ୍ରାୟ ୨୬%। ଚୀନ୍ ୨୮% ସହିତ ପ୍ରଥମ ସ୍ଥାନରେ ରହିଛି। ବିଶ୍ୱ ସୁନା ପରିଷଦ ଅନୁଯାୟୀ, ଭାରତର ସୁନା ଅଂଶ ଗତ ୫ବର୍ଷରେ ହାରାହାରି ୨୩% ରୁ ଜୁନ୍ ୨୦୨୫ସୁଦ୍ଧା ୨୫%କୁ ବୃଦ୍ଧି ପାଇବାର ଆକଳନ କରାଯାଇଛି। ଯଦିଓ ଅଳଙ୍କାର ସବୁଠାରୁ ଅଧିକ ଚାହିଦା ଥିବା ସାମଗ୍ରୀ ରହିଛି, ମୁଦ୍ରା ଏବଂ ବିସ୍କୁଟ ଆକାରରେ ଖୁଚୁରା ସୁନା ନିବେଶର ଅଂଶ ଗତ ୫ ବର୍ଷ ମଧ୍ୟରେ ବୃଦ୍ଧି ପାଇଛି। ଜୁନ୍ ୨୦୨୦ ରେ ଏହା ୨୩.୯% ଥିଲା ଏବଂ ୨୦୨୫ ଜୁନ୍ ସୁଦ୍ଧା ଏହା ୩୨ କୁ ବୃଦ୍ଧି ପାଇଛି। ରିପୋର୍ଟ ଅନୁଯାୟୀ, ଭାରତରେ ୭୫-୮୦% ସୁନା କେବଳ ଅଳଙ୍କାର ଆକାରରେ ଗଚ୍ଛିତ ଅଛି। ଲୋକମାନେ ଏହାକୁ ଏକ ଦୀର୍ଘକାଳୀନ ସଞ୍ଚୟ ଏବଂ ଏକ ସମ୍ପତ୍ତି ଭାବରେ ଦେଖିଥାନ୍ତି। ଯେହେତୁ ଲୋକମାନେ ଏହାକୁ ବିକ୍ରି କରନ୍ତି ନାହିଁ, ତେଣୁ ମୂଲ୍ୟ ବୃଦ୍ଧି ସେମାନଙ୍କର ଦୈନନ୍ଦିନ ବ୍ୟବହାର କିମ୍ବା କ୍ରୟକୁ ବିଶେଷ ପ୍ରଭାବିତ କରେନାହିଁ। କେବଳ ସାଧାରଣ ଲୋକ ନୁହନ୍ତି, ବରଂ ଭାରତୀୟ ରିଜର୍ଭ ବ୍ୟାଙ୍କ ମଧ୍ୟ କ୍ରମାଗତ ଭାବେ ଏହାର ସୁନା ଷ୍ଟକ୍ ବୃଦ୍ଧି କରୁଛି। ମୋର୍ଗାନ୍ ଷ୍ଟାନ୍‌ଲି ଅନୁଯାୟୀ, କେନ୍ଦ୍ରୀୟ ବ୍ୟାଙ୍କ ୨୦୨୪ ମସିହାଠାରୁ ପ୍ରାୟ ୭୫ ଟନ୍ ସୁନା କିଣିଛି, ଯାହା ଏହାର ମୋଟ ଭଣ୍ଡାରକୁ ୮୮୦ ଟନ୍‌ରେ ପହଞ୍ଚାଇଛି, ଯାହା ଭାରତର ମୋଟ ବୈଦେଶିକ ମୁଦ୍ରା ଭଣ୍ଡାରର ପ୍ରାୟ ୧୪%।



ଭାରତୀୟ ରିଜର୍ଭ ବ୍ୟାଙ୍କ ପରି, ଚୀନର ପିପୁଲ୍ସ ବ୍ୟାଙ୍କ ଅଫ୍ ଚାଇନା ମଧ୍ୟ ବଡ଼ ପରିମାଣରେ ସୁନା କିଣୁଛି। ଡଲାର ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ଭୂରାଜନୈତିକ ବିପଦରେ ରକ୍ଷା କରିବା ପାଇଁ ଅନେକ ଦେଶ ଏବେ ସୁନାକୁ ଏକ ନିରାପଦ ନିବେଶ ଭାବରେ ବିବେଚନା କରୁଛନ୍ତି।

# ବ୍ୟାଙ୍କ ଏନ୍‌ପିଏ ୨.୧%କୁ ହ୍ରାସ

ନୂଆଦିଲ୍ଲୀ,୨୯।୧୨(ଏଜେନ୍ସି): ଭାରତୀୟ ବ୍ୟାଙ୍କିଂ କ୍ଷେତ୍ର ଉଲ୍ଲେଖନୀୟ ସଫଳତା ହାସଲ କରିଛି। କାରଣ ଅନାଦାୟ ଋଣ (ଏନ୍‌ପିଏ)କୁ ନେଇ ଭାରାକ୍ରାନ୍ତ ଦେଶର ଏହି ବ୍ୟାଙ୍କଗୁଡ଼ିକ ଏବେ ବମ୍ପର ଲାଭ କରୁଛନ୍ତି। ଭାରତୀୟ ରିଜର୍ଭ



**ଆର୍‌ବିଆଇ ରିପୋର୍ଟ**

ବ୍ୟାଙ୍କ(ଆର୍‌ବିଆଇ) ରିପୋର୍ଟ ଅନୁଯାୟୀ, ଭାରତୀୟ ବ୍ୟାଙ୍କଗୁଡ଼ିକର ମୋଟ ଅଣ-ପ୍ରଦର୍ଶନକାରୀ ସମ୍ପତ୍ତି ବହୁ ଦଶନ୍ଧୀର ସର୍ବନିମ୍ନ ୨.୧ ପ୍ରତିଶତକୁ ଖସିଆସିଛି। ସାରା ଦେଶରେ ବ୍ୟାଙ୍କଗୁଡ଼ିକର ଏନ୍‌ପିଏ ହ୍ରାସ ପାଇଛି। ବ୍ୟାଙ୍କଗୁଡ଼ିକର ନିଟ୍ ଅଣ-ପ୍ରଦର୍ଶନ ସମ୍ପତ୍ତି ଅନୁପାତ ବହୁ ବର୍ଷର ସର୍ବନିମ୍ନ ୦.୮ ପ୍ରତିଶତକୁ ଖସିଆସିଛି। ଏହି ସୂଚନା ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯାଇଛି। ଦେଶର ଘରୋଇ ଆର୍ଥିକ ବ୍ୟବସ୍ଥା ଉପରେ ପ୍ରକାଶିତ ଏହି ରିପୋର୍ଟରେ ଭାରତୀୟ ରିଜର୍ଭ ବ୍ୟାଙ୍କ କହିଛି ଯେ ବ୍ୟାଙ୍କଗୁଡ଼ିକର ନିଟ୍ ଅଣ-ପ୍ରଦର୍ଶନ ସମ୍ପତ୍ତି ଅନୁପାତ (ଏନ୍‌ପିଏ) ହ୍ରାସ ପାଇଛି। ଆର୍‌ବିଆଇର ଆର୍ଥିକ ସ୍ଥିରତା ରିପୋର୍ଟ ଅନୁଯାୟୀ, ଏହି ସମୟ ମଧ୍ୟରେ ବ୍ୟାଙ୍କଗୁଡ଼ିକର ଜିଏନ୍‌ପିଏ ଅନୁପାତ ମଧ୍ୟ ବହୁ ବର୍ଷର ସର୍ବନିମ୍ନ ୩.୨ ପ୍ରତିଶତକୁ ହ୍ରାସ ପାଇଛି। ରିପୋର୍ଟ ଅନୁଯାୟୀ, ୨୦୨୩ ସେପ୍ଟେମ୍ବର ସୁଦ୍ଧା ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀଗୁଡ଼ିକ (ଏନ୍‌ବିଏଫ୍‌ସି)ର ପୁଞ୍ଜି ପର୍ଯ୍ୟାପ୍ତତା ଅନୁପାତ (ସିଆର୍‌ଏଆର୍) ୨୭.୬ ପ୍ରତିଶତ, ମୋଟ ଅଣ-ପ୍ରଦର୍ଶନକାରୀ ସମ୍ପତ୍ତି (ଜିଏନ୍‌ପିଏ) ଅନୁପାତ ୪.୬ ପ୍ରତିଶତ ଏବଂ ସମ୍ପତ୍ତି ଉପରେ ରିଟର୍ଣ୍ଣ ୨.୯ ପ୍ରତିଶତ ଥିଲା। ରିପୋର୍ଟରେ କୁହାଯାଇଛି ଯେ ୨୦୨୩ ସେପ୍ଟେମ୍ବରରେ ଅନୁସୂଚିତ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ର ବିପଦ ୱେଟେଡ୍ ସମ୍ପତ୍ତି ଅନୁପାତ (ସିଆର୍‌ଏଆର୍) ୧୬.୮ ପ୍ରତିଶତ ଏବଂ ସାଧାରଣ ଇକ୍ୱିଟି ଟାୟାର-୧ ଅନୁପାତ ୧୩.୭ ପ୍ରତିଶତ ଥିଲା।

# ୩୧ରେ ସରୁଛି ପାନ୍-ଆଧାର ଲିଙ୍କ୍ ଶେଷ ଅବଧି



ନୂଆଦିଲ୍ଲୀ,୨୯।୧୨(ଏଜେନ୍ସି): ଡିସେମ୍ବର ୩୧ରେ ଶେଷ ହେଉଛି ପାନ୍-ଆଧାର ଲିଙ୍କ୍ ଶେଷ ଅବଧି। ଏଥିପାଇଁ ଆୟକର ବିଭାଗ କରଦାତାମାନଙ୍କୁ ପାନ୍ ଏବଂ ଆଧାର କାର୍ଡ ଲିଙ୍କ୍ କରିବା ନେଇ ସତର୍କ କରାଇଛି। ପାନ୍ କାର୍ଡ ସହ ଆଧାରର ଲିଙ୍କ୍ ନ କରାଇଲେ ୨୦୨୬ ଜାନୁଆରୀ ପହିଲାରୁ ପାନ୍ କାର୍ଡ ନିଷ୍କ୍ରିୟ ହୋଇଯିବ। ପାନ୍ କାର୍ଡ ନିଷ୍କ୍ରିୟ ହେଲେ ଅନେକ ବଡ଼ ସମସ୍ୟା ଉପୁଜିପାରେ। ପ୍ରଥମତଃ, ପାନ୍ କାର୍ଡ ସହ ଆଧାରର ଲିଙ୍କ୍ ହୋଇ ନ ଥିଲେ ଆୟକର ରିଟର୍ଣ୍ଣ (ଆଇଟିଆର୍) ଫାଇଲ୍ କରିପାରିବେନାହିଁ। ଏମିତିକି କରଦାତା ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଟିକସ ବାବଦ ରିଫଣ୍ଡ ଅର୍ଥ ପାଇବାରେ ସମସ୍ୟାର ସମ୍ମୁଖୀନ ହେବେ। ୧୦୦୦ ଟଙ୍କା ବିଳମ୍ବ ଫି ଦେଇ ଏହାକୁ ତୁରନ୍ତ ଲିଙ୍କ୍ କରାଯାଇପାରିବ।

# ଘଣ୍ଟାକରେ ୨୧, ୦୦୦ ଟଙ୍କା କମିଲା ରୁପା

ନୂଆଦିଲ୍ଲୀ,୨୯।୧୨(ଏଜେନ୍ସି): ହୁ ହୁ ହୋଇ ରକେଟ୍ ଭଳି ବଢ଼ିଚାଲିଥିବା ରୁପା ଦରରେ ଲାଗିଛି ଲଗାମ୍। ସୋମବାର ରୁପା ମୂଲ୍ୟରେ ହଠାତ୍ ବୃହତ୍ ହ୍ରାସ ହୋଇଛି। ଏହାକୁ ନେଇ ସୁନା ବଜାରରେ ହଇଚଇ ସୃଷ୍ଟି ହୋଇଛି। ସୁରକ୍ଷିତ ନିବେଶ ମନେ କରାଯାଉଥିବା ରୁପାରେ ନିବେଶକମାନେ ମୁନାଫା ଅସୁଲି ବା ପ୍ରଫିଟ୍ ବୁକିଂ କରିବା ଯୋଗୁ ଏପରି ସ୍ଥିତି ହୋଇଛି। ଏଣୁ ମାତ୍ର

**■ ରେକର୍ଡ ଉଚ୍ଚରୁ ତଳକୁ ଖସିଲା**
**■ ମୁନାଫା ଅସୁଲି କଲେ ନିବେଶକ**

ଘଣ୍ଟାକ ମଧ୍ୟରେ ରୁପା ମୂଲ୍ୟରେ କିଲୋଗ୍ରାମ ପିଛା ୨୧ ହଜାର ଟଙ୍କା ହ୍ରାସ ଘଟିଛି। ଏହା ନିବେଶକଙ୍କୁ ବେଶ ଚକିତ କରିଛି। ଅନ୍ତର୍ଜାତୀୟ ସଙ୍କେତ ଓ ଭୂ-ରାଜନୈତିକ ଉତ୍ତେଜନା ମଧ୍ୟରେ ଦେଖାଯାଇଥିବା ଏହି ପରିସ୍ଥିତିର ପ୍ରଭାବ ଘରୋଇ ବଜାର ଉପରେ ମଧ୍ୟ ପଡିଛି। ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମସିଏକ୍ସ) ରେ ମାର୍ଚ୍ଚରେ ଡେଲିଭରୀ ହେବାକୁ ଥିବା ଚାନ୍ଦିର ଫ୍ୟୁଚର୍ସରେ ଜୋରଦାର ହ୍ରାସ ଦେଖିବାକୁ ମିଳିଛି।

ସୋମବାର ମଧ୍ୟାହ୍ନରେ ହୋଇଥିବା ଏହି ହ୍ରାସ ଯୋଗୁ ମାତ୍ର ଘଣ୍ଟାକରେ ରୁପା କିଲୋଗ୍ରମା ପିଛା ୨୧ ହଜାର ଟଙ୍କା ଶସ୍ତା ହୋଇଯାଇଛି। ଫଳରେ ନୂଆଦିଲ୍ଲୀର ସରାଫା ବଜାରରେ ପ୍ରତି କେଜି ଏହା ଏବେ ୨,୩୩,୧୨୦ ଟଙ୍କାର ଇଣ୍ଟ୍ରାଡେ ଲୋ ରେ କାରବାର ହେଉଛି। ଏହାର ପୂର୍ବ ଦିନ ଅର୍ଥାତ ରବିବାର ପ୍ରତି କିଲୋଗ୍ରାମ ପିଛା ୨,୫୪,୧୭୪



ଟଙ୍କା ଦରରେ କାରବାର ହେଉଥିଲା। ଫଳରେ ରୁପା ସର୍ବକାଳୀନ ରେକର୍ଡ ସ୍ତରରେ କାରବାର କରୁଥିଲା। ଯେତେବେଳେ ରୁପା ଦର ସର୍ବୋଚ୍ଚ ସ୍ତରରେ ପହଞ୍ଚିଲା, ସେତେବେଳେ ନିବେଶକମାନେ ପ୍ରଫିଟ୍ ବୁକିଂ କରିବା ଆରମ୍ଭ କରିଦେଲେ। ଯାହାର ଫଳ ସ୍ୱରୂପ ରୁପା ମୂଲ୍ୟ ଇଣ୍ଟ୍ରାଡେ କାରବାରରେ ସବୁଠାରୁ ତଳକୁ ଖସିଯାଇଥିଲା। ବୈଶ୍ୱିକ ବଜାରରେ ମଧ୍ୟ ଚାନ୍ଦି ମୂଲ୍ୟ ଉପର ତଳ ହେବାରେ ଲାଗିଛି। ସୋମବାର ପ୍ରତି ଆଉନ୍ସ ଚାନ୍ଦି ମୂଲ୍ୟ ୮୦ ଡଲାରରେ ପହଞ୍ଚିଥିଲା। ହେଲେ ବୈଶ୍ୱିକ ସ୍ତରରେ ମଧ୍ୟ ଏହି ଦର ଅଧିକ ସମୟ ଧରି ରହିପାରି ନ ଥିଲା। କିଛି ସମୟ ପରେ ଏହା ଆଉନ୍ସ ପିଛା ୭୫ ଡଲାରକୁ ହ୍ରାସ ହୋଇଛି। ଏହାର ମୁଖ୍ୟ କାରଣ ହେଉଛି ଆମେରିକା ଓ ୟୁକ୍ରେନ ମଧ୍ୟରେ ସମ୍ଭାବିତ ଶାନ୍ତି ବୁଝାମଣାକୁ ନେଇ ସକରାତ୍ମକ ସଙ୍କେତ ବୋଲି କୁହାଯାଉଛି। ଭୂ-ରାଜନୈତିକ ଉତ୍ତେଜନା ହ୍ରାସ ହେବା ସମ୍ଭାବନାରେ ସେଫ ହେଭେନ କୁହାଯାଉଥିବା ଏହି ଧାତୁର ଚାହିଦା ନରମ ପଡିଛି। ବର୍ତ୍ତମାନ ନିବେଶକମାନେ କାରବାରରେ ବେଶ ସତର୍କତା ଅବଲମ୍ବନ କରୁଛନ୍ତି।

ତେବେ ବିଶେଷଜ୍ଞଙ୍କ କହିବା କଥା ହେଉଛି, ୨୦୨୬ରେ ସିଲଭର ଏମସିଏକ୍ସରେ ପ୍ରତି କିଲୋଗ୍ରାମ ୨.୭୫ ଲକ୍ଷ ଟଙ୍କା ଓ ବୈଶ୍ୱିକ ସ୍ତରରେ ପ୍ରତି ଆଉନ୍ସ ମୂଲ୍ୟ ୮୦ରୁ ୮୫ ଆମେରିକା ଡଲାର ପର୍ଯ୍ୟନ୍ତ ଯାଇ ପାରେ। ୟୁଏସ ଫେଡେରାଲ ରିଜର୍ଭ ଦ୍ୱାରା ସମ୍ଭାବିତ ସୁଧହାରରେ ହ୍ରାସ, ବୈଶ୍ୱିକ ବାଣିଜ୍ୟ ଉତ୍ତେଜନା ଓ ଚାଇନା ପକ୍ଷରୁ ଜାନୁୟାରୀ ପହିଲାରୁ ଲାଗୁ ହେବାକୁ ଥିବା ଏକ୍ସପର୍ଟ ରେଷ୍ଟ୍ରିକ୍ସନ ଭଳି ଫ୍ୟାକ୍ଟର ଆଗାମୀ ସମୟରେ ସୁନା ଏବଂ ରୁପା ଉଭୟର ମୂଲ୍ୟକୁ ପ୍ରଭାବିତ କରିପାରେ।

# ନଭେମ୍ବରରେ ଶିଳ୍ପ ଉତ୍ପାଦନରେ ୬.୭% ବୃଦ୍ଧି

ନୂଆଦିଲ୍ଲୀ,୨୮।୧୨(ଏଜେନ୍ସି): ଭାରତର ଶିଳ୍ପ ଉତ୍ପାଦନ (ଆଇଆଇପି) ନଭେମ୍ବରରେ ଏକ ଚମତ୍କାର ବୃଦ୍ଧି ହାସଲ କରିଛି। ପୂର୍ବ ବର୍ଷ ତୁଳନାରେ ସୂଚକାଙ୍କ ୬.୭ ପ୍ରତିଶତ ବୃଦ୍ଧି ପାଇଛି। ଅକ୍ଟୋବରରେ ପାର୍ବଣ ଋତୁ ଯୋଗୁଁ ମାନ୍ଦାବସ୍ଥା ପରେ ଏହି ଅଭିବୃଦ୍ଧି ଏକ ସ୍ପଷ୍ଟ ପ୍ରତ୍ୟାବର୍ତ୍ତନର ସଙ୍କେତ ଦେଉଛି। ଦୀପାବଳି ଏବଂ ଛୁଟିଦିନ ଯୋଗୁଁ କାରଖାନା କାମ ବନ୍ଦ ରହିବା ଫଳରେ ଅକ୍ଟୋବରରେ ଆଇଆଇପି ଅଭିବୃଦ୍ଧି ୦.୪%କୁ ଖସିଆସିଥିଲା। ତୁଳନାତ୍ମକ ଭାବରେ ଦେଖିଲେ ୨୦୨୪ ନଭେମ୍ବରରେ ଶିଳ୍ପ ଉତ୍ପାଦନ ୫% ବୃଦ୍ଧି ପାଇଛି। ନଭେମ୍ବରର ଏହି ସଂଖ୍ୟାଗୁଡ଼ିକ ସାଧାରଣ ଉତ୍ପାଦନ ସ୍ତରକୁ ଫେରିବା ଏବଂ ପାର୍ବଣ ଋତୁ ପରେ ଉପଯୋଗିତାରେ ବୃଦ୍ଧିକୁ ପ୍ରତିଫଳିତ କରୁଛି।

# ୨୦୩୦ ସୁଦ୍ଧା ଭାରତ ୭.୩ ଟ୍ରିଲିୟନ ଡଲାରର ଅର୍ଥନୀତି ହେବ

ନୂଆଦିଲ୍ଲୀ,୨୯।୧୨(ଏଜେନ୍ସି): ୨୦୩୦ ସୁଦ୍ଧା ଭାରତ ୭.୩ ଟ୍ରିଲିୟନ ଡଲାରର ଅର୍ଥନୀତି ବିଶିଷ୍ଟ ରାଷ୍ଟ୍ରରେ ପରିଣତ ହେବ। ବର୍ତ୍ତମାନ ଭାରତ ୪.୧୮ ଟ୍ରିଲିୟନ ଡଲାରର ଅର୍ଥନୀତି ସହିତ ଜାପାନକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତି ହୋଇଛି। ଏକ ସରକାରୀ ବିବୃତ୍ତି ଅନୁଯାୟୀ, ଭାରତ ଆଗାମୀ ୨.୫ ରୁ ୩ ବର୍ଷ ମଧ୍ୟରେ ଜର୍ମାନୀକୁ ପଛରେ ପକାଇ ତୃତୀୟ ବୃହତ ଅର୍ଥନୀତି ହେବ। ୨୦୩୦ ସୁଦ୍ଧା ଏହାର ଜିଡିପି ୭.୩ ଟ୍ରିଲିୟନ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ହାର



୬ ତ୍ରୈମାସିକରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି।

ଭାରତୀୟ ଅର୍ଥନୀତି ଦ୍ରୁତ ଗତିରେ ବୃଦ୍ଧି ପାଉଛି। ୨୦୨୫-୨୬ ଆର୍ଥିକବର୍ଷର ଦ୍ୱିତୀୟ ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ୬ ତ୍ରୈମାସିକରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି, ଯାହା ସୂଚିତ କରେ ଯେ ବିଶ୍ୱ ଆର୍ଥିକ ଉତ୍ଥାନ ପତନ ସତ୍ତ୍ୱେ ଭାରତର ଅର୍ଥନୀତି ଦୃଢ଼ ରହିଛି। ବିବୃତ୍ତିରେ କୁହାଯାଇଛି ଯେ ଭାରତ ବିଶ୍ୱର ଦ୍ରୁତତମ ବୃଦ୍ଧି ପାଉଥିବା ବୃହତ ଅର୍ଥନୀତି ମଧ୍ୟରେ ଅନ୍ୟତମ ଏବଂ ଏହି ଅଭିବୃଦ୍ଧି ଗତିକୁ ବଜାୟ ରଖିବା ପାଇଁ ଏକ ଦୃଢ଼ ସ୍ଥିତିରେ ଅଛି। ଭାରତ ଆର୍ଥିକ ଅଭିବୃଦ୍ଧି, ସଂରଚନିକ ସଂସ୍କାର ଏବଂ ସାମାଜିକ ପ୍ରଗତିର ଏକ ଦୃଢ଼ ଭିତ୍ତିଭୂମି ଉପରେ ଅଗ୍ରଗତି କରୁଛି, ସ୍ୱାଧୀନତାର ୧୦୦ତମ ବର୍ଷ ସୁଦ୍ଧା ଏକ ଉଚ୍ଚ-ମଧ୍ୟମ ଆୟକାରୀ ଦେଶ ହେବା ଲକ୍ଷ୍ୟ ରଖିଛି।

# ଆଜି ଅର୍ଥନୀତିଜ୍ଞଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ପ୍ରାକ୍ ବଜେଟ ବୈଠକ

**ଟାରିଫ୍ ଓ ବୈଶ୍ୱିକ ଆହ୍ୱାନ ଉପରେ ରହିବ ଫୋକସ୍**




ନୂଆଦିଲ୍ଲୀ,୨୯।୧୨(ଏଜେନ୍ସି): ୨୦୨୬-୨୭ ଆର୍ଥିକବର୍ଷର ବଜେଟର ରୂପରେଖ ଓ ପ୍ରାଥମିକତାକୁ ଚୂଡ଼ାନ୍ତ ରୂପ ଦେବା ପାଇଁ କେନ୍ଦ୍ର ସରକାର ଜୋରଦାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଦେଶର ପ୍ରଖ୍ୟାତ ଅର୍ଥନୀତିଜ୍ଞ ଏବଂ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞଙ୍କ ସହିତ ଏକ ଉଚ୍ଚସ୍ତରୀୟ ବୈଠକ କରିବେ। ଯାହା ଦ୍ୱାରା ଭା ଆଗାମୀ ସାଧାରଣ ବଜେଟର ରୂପରେଖ ଏବଂ ପ୍ରାଥମିକତା ଚୂଡ଼ାନ୍ତ ହେବ।

ଭାରତୀୟ ଅର୍ଥନୀତି ବର୍ତ୍ତମାନ ଜଟିଳ ବୈଶ୍ୱିକ ପରିସ୍ଥିତିର ସମ୍ମୁଖୀନ ହେଉଥିବାରୁ ଫେବୃଆରୀ ପହିଲାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଉପସ୍ଥାପନ ହେବାକୁ ଥିବା କେନ୍ଦ୍ରୀୟ ବଜେଟ ପୂର୍ବରୁ ଏହି ବୈଠକ ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ସରକାରୀ ସୂତ୍ର ଅନୁଯାୟୀ, ନୀତି ଆୟୋଗର ଉପାଧ୍ୟକ୍ଷ ସୁମନ ବେରୀ, ସିଇଓ ବି.ଭି.ଆର. ସୁବ୍ରମଣ୍ୟମ୍ ଏବଂ କମିଶନର ଅନ୍ୟ ସଦସ୍ୟମାନେ ମଧ୍ୟ ଏହି ବୈଠକରେ ଉପସ୍ଥିତ ରହିବେ। ଏହି ଆଲୋଚନା ମାଧ୍ୟମରେ ପ୍ରଧାନମନ୍ତ୍ରୀ ଅଭିବୃଦ୍ଧି, ଆର୍ଥିକ ଏକୀକରଣ ଏବଂ ନିଯୁକ୍ତି ସୃଷ୍ଟିକୁ ତ୍ୱରାନ୍ୱିତ କରିବା ପାଇଁ ବିଶେଷଜ୍ଞଙ୍କଠାରୁ ବ୍ୟବହାରିକ ପରାମର୍ଶ ଲୋଡିବେ। ପ୍ରଧାନମନ୍ତ୍ରୀ ଏହି ଆଲୋଚନା ମାଧ୍ୟମରେ ବିକାଶ ହାରକୁ ଗତି ପ୍ରଦାନ କରିବା, ରାଜକୋଷୀୟ ସମୀକରଣ ଓ ରୋଜଗାର ସୃଜନ ପାଇଁ ବିଶେଷଜ୍ଞଙ୍କଠାରୁ ପରାମର୍ଶ ଲୋଡ଼ିବେ । ବିଶେଷଜ୍ଞଙ୍କ ମତରେ ଏହି ବୈଠକର ମୁଖ୍ୟ ବିନ୍ଦୁ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ମଜଭୁତ ଓ ରପ୍ତାନୀ ଏବଂ ବିନିର୍ମାଣ କ୍ଷେତ୍ରରେ ଏମ୍‌ଏସ୍‌ଏମ୍‌ଇର ଭୂମିକା ବଢାଇବା ଉପରେ ହୋଇପାରେ। ଏହା ବ୍ୟତୀତ ଗ୍ରାମୀଣ କ୍ଷେତ୍ରରେ ଚାହିଦାରେ ସୁଧାର ଓ କୃଷି ମୂଲ୍ୟ ଶୃଙ୍ଖଳାର ଆଧୁନିକୀକରଣ ଉପରେ ଚର୍ଚ୍ଚା ହୋଇପାରେ। ଏହି ସମୟରେ ପୁଞ୍ଜିଗତ ବ୍ୟୟ ଜରିଆରେ ଦୀର୍ଘକାଳୀନ ବିକାଶର ମୂଳଦୁଆ ପକାଇବା ଉପରେ ଆଲୋଚନା ହୋଇପାରେ।

୨୦୨୬-୨୭ ବଜେଟ୍ ଏପରି ଏକ ସମୟରେ ଆସିଛି, ଯେତେବେଳେ ବିଶ୍ୱ ଭୂରାଜନୈତିକ ଗତିଶୀଳତା ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି। ଏଠାରେ ସବୁଠାରୁ ବଡ଼ ଆହ୍ୱାନ ହେଉଛି ଭାରତୀୟ ରପ୍ତାନି ଉପରେ ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ୫୦ ପ୍ରତିଶତ ଶୁଳ୍କ। ଅର୍ଥନୈତିକ ବିଶେଷଜ୍ଞମାନେ ଯୁକ୍ତି ଦର୍ଶାଉଛନ୍ତି ଯେ, ଆମେରିକାର ଏହି ଏକପାଖିଆ ପଦକ୍ଷେପ ଭାରତୀୟ ରପ୍ତାନିକାରୀଙ୍କ ଉପରେ ଚାପ ବୃଦ୍ଧି କରିପାରେ, ବିଶେଷକରି ବୟନଶିଳ୍ପ, ଆଇଟି ଏବଂ ଇଞ୍ଜିନିୟରିଂ କ୍ଷେତ୍ରରେ। ପ୍ରଧାନମନ୍ତ୍ରୀଙ୍କ ବୈଠକରେ ଭାରତୀୟ ଘରୋଇ ଶିଳ୍ପଗୁଡ଼ିକୁ ଏହି ବାହ୍ୟ ଆଘାତରୁ କିପରି ରକ୍ଷା କରାଯାଇପାରିବ ଏବଂ ଆଗାମୀ ବଜେଟ୍ ମାଧ୍ୟମରେ 'ଆତ୍ମନିର୍ଭର ଭାରତ' ଅଭିଯାନକୁ ଏକ ନୂତନ ଦିଗଦର୍ଶନ ଦିଆଯିବା ବିଷୟରେ ଗଭୀର ଭାବରେ ଅନୁସନ୍ଧାନ କରାଯିବ ବୋଲି ଆଶା କରାଯାଉଛି। ନୀତି ଆୟୋଗ ମଧ୍ୟ ଏହି ବୈଠକରେ ବିଭିନ୍ନ ବିକାଶ ମଡେଲ ଉପସ୍ଥାପନ କରିବାର ସମ୍ଭାବନା ଅଛି। ସରକାରଙ୍କ ଧ୍ୟାନ କେବଳ ଜିଡିପି ସଂଖ୍ୟା ଉପରେ ନୁହେଁ, ବରଂ ଅନ୍ତର୍ଭୁକ୍ତୀମୂଳକ ଅଭିବୃଦ୍ଧି ଉପରେ ମଧ୍ୟ ରହିଛି। ବୈଶ୍ୱିକ ଯୋଗାଣ ଶୃଙ୍ଖଳାରେ ହେଉଥିବା ପରିବର୍ତ୍ତନରୁ ଭାରତ କିପରି ଭାବେ ଅଧିକ ଲାଭ ଉଠାଇ ପାରିବ ସେ ବାବାଦରେ ମତାମତ ନିଆଯିବ ।


**ପୂରଣ ହେଲାନି ଗ୍ୟାସ୍ ଉତ୍ପାଦନ ଲକ୍ଷ୍ୟ**

# ରିଲାଏନ୍ସ ,ବିପିକୁ ୩୦ ବିଲିୟନ ଡଲାର କ୍ଷତିପୂରଣ ମାଗିଲେ ସରକାର

ନୂଆଦିଲ୍ଲୀ,୨୯।୧୨(ଏଜେନ୍ସି)

କେନ୍ଦ୍ର ସରକାର ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ଏହାର ବ୍ରିଟିଶ ଅଂଶୀଦାର ବିପିକୁ ବଡ଼ ଧରଣର କ୍ଷତିପୂରଣ ମାଗିଛନ୍ତି। ରିପୋର୍ଟ ଅନୁଯାୟୀ, ସରକାର ଏକ ସ୍ୱତନ୍ତ୍ର ମଧ୍ୟସ୍ଥତା ମାମଲା ଅଧୀନରେ ଏହି କମ୍ପାନୀଗୁଡ଼ିକଠାରୁ ୩୦ ବିଲିୟନ ଡଲାରରୁ ଅଧିକ କ୍ଷତିପୂରଣ ଦାବି କରିଛନ୍ତି। ଏହି ମାମଲା କୃଷ୍ଣା ଗୋଦାବରୀ (କେଜି) ଉପତ୍ୟକାରେ ଥିବା ଡି-୬ ବ୍ଲକରୁ ଗ୍ୟାସ ଉତ୍ପାଦନରେ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ସହିତ ଜଡିତ। ସରକାର ଅଭିଯୋଗ କରିଛନ୍ତି ଯେ, କମ୍ପାନୀଗୁଡ଼ିକ ପ୍ରତିଶ୍ରୁତି ଅନୁଯାୟୀ ଗ୍ୟାସ ଉତ୍ପାଦନ କରିବାରେ ବିଫଳ ହୋଇଛନ୍ତି। ଫଳରେ ଦେଶର ପ୍ରାକୃତିକ ସମ୍ପଦର କ୍ଷତି ହୋଇଛି।

**ପ୍ରତିଶ୍ରୁତି ଅନୁଯାୟୀ ଗ୍ୟାସ ଉତ୍ପାଦନରେ କମ୍ପାନୀ ବିଫଳ**



ଏହି ବିବାଦ ଜଳ କୃଷ୍ଣା ଗୋଦାବରୀ ବେସିନ୍‌ରେ ଅବସ୍ଥିତ ଦୁଇଟି ପ୍ରମୁଖ ଗ୍ୟାସ କ୍ଷେତ୍ର ଡି-୧ ଏବଂ ଡି-୩ ଉପରେ କେନ୍ଦ୍ରିତ। ୨୦୦୦ ମସିହାରେ ଏହି ପ୍ରକଳ୍ପ ରିଲାଏନ୍ସକୁ ଦିଆଯାଇଥିଲା। ରିଲାଏନ୍ସ ପ୍ରଥମେ ଆକଳନ କରିଥିଲା ଯେ, ଏହି କ୍ଷେତ୍ରଗୁଡ଼ିକରେ ପ୍ରାୟ ୧୦.୩ ଟ୍ରିଲିୟନ ଘନଫୁଟ (ଟିସିଏଫ୍) ଗ୍ୟାସ ରହିଛି। ଏହି ଆକଳନ ପରେ ୩.୧ ଟିସିଏଫ୍‌କୁ ହ୍ରାସ କରାଯାଇଥିଲା। ସରକାର କହିଛନ୍ତି ଯେ, ଉତ୍ପାଦନ ଆରମ୍ଭ ହେବା ପୂର୍ବରୁ ରିଲାଏନ୍ସ ଯେଉଁ ଦାବି କରିଥିଲା ତାହା ବାସ୍ତବତାଠାରୁ ବହୁତ ଦୂରରେ। ସୂତ୍ର ଅନୁଯାୟୀ ସରକାର ଟ୍ରିବ୍ୟୁନାଲରେ ଯୁକ୍ତି ଦର୍ଶାଇଛନ୍ତି ଯେ, ରିଲାଏନ୍ସ ମୋଟ ଆନୁମାନିକ ଭଣ୍ଡାରର କେବଳ ୨୦% ଉତ୍ତୋଳନ କରିଛି। ଏହି ହ୍ରାସ ପ୍ରାକୃତିକ କାରଣ ଯୋଗୁଁ ନୁହେଁ, ବରଂ କମ୍ପାନୀଗୁଡ଼ିକର ଭୁଲ ପରିଚାଳନା ଯୋଗୁଁ ହୋଇଛି ବୋଲି ସରକାର ଅଭିଯୋଗ କରିଛନ୍ତି। ଶୁଣାଣି ସମୟରେ ସରକାର କହିଥିଲେ ଯେ, ରିଲାଏନ୍ସ ଗ୍ୟାସ୍ ବାହାର କରିବା ପାଇଁ 'ଅତ୍ୟନ୍ତ ଆକ୍ରମଣାତ୍ମକ' ପଦ୍ଧତି ବ୍ୟବହାର କରିଥିଲା। ଯୋଜନାବଦ୍ଧ ୩୧ଟି କୂପ ବଦଳରେ, କେବଳ ୧୮ଟି ବ୍ୟବହାର କରାଯାଇଥିଲା।

ସରକାର ଯୁକ୍ତି ଦେଉଛନ୍ତି ଯେ, ପର୍ଯ୍ୟାପ୍ତ ଭିତ୍ତିଭୂମି ବିନା ଏବଂ କମ୍ କୂପରୁ ଅଧିକ ଗ୍ୟାସ୍ ବାହାର କରିବାକୁ ଚେଷ୍ଟା କରିବାରୁ, ଗ୍ୟାସ ଭଣ୍ଡାର କ୍ଷତିଗ୍ରସ୍ତ ହୋଇଛି। ଏହା ପାଣି ଲିକ୍ ଏବଂ ଚାପ ସମସ୍ୟା ସୃଷ୍ଟି କରିଥିଲା, ଯାହା ଫଳରେ ଅଧିକାଂଶ ଗ୍ୟାସ୍ ଭଣ୍ଡାର ସ୍ଥାୟୀ ଭାବରେ ଅକାମୀ ହୋଇଯାଇଛି। ଚୁକ୍ତି ଅନୁଯାୟୀ ଆବିଷ୍କୃତ ଗ୍ୟାସ ସରକାରଙ୍କ ମାଲିକାନାରେ ଥିବାରୁ କମ୍ପାନୀଗୁଡ଼ିକ କ୍ଷତିପୂରଣ ଦେବା ଉଚିତ। ଭାରତରେ ଏହି ଆଇନଗତ ଲଢ଼େଇ ୨୦୧୬ ମସିହାରୁ ଚାଲିଛି। ଏହି ମାମଲାର ସମାଧାନ ପାଇଁ ଏକ ତିନି ସଦସ୍ୟ ବିଶିଷ୍ଟ ଟ୍ରିବ୍ୟୁନାଲ ଗଠନ କରାଯାଇଛି। ରିପୋର୍ଟ ଅନୁଯାୟୀ, ମାମଲାର ଶୁଣାଣି ନଭେମ୍ବର ୭ରେ ଶେଷ ହୋଇଥିଲା। ଆଶା କରାଯାଉଛି ଯେ, ଟ୍ରିବ୍ୟୁନାଲ ୨୦୨୬ ମଧ୍ୟଭାଗ ସୁଦ୍ଧା ତାଙ୍କର ନିଷ୍ପତ୍ତି ଶୁଣାଇବେ ।

